## Forest Dwelling Communities would get rights over forestland

## ହାଇକୋର୍ଟଙ୍କ ରହିତାଦେଶ ଉଠିଲା ପରେ ସରକାର ଆଶ୍ୱସ୍ତ

# ଆଦିବାସୀ ଜଙ୍ଗଲ ଜମିରେ ବସବାସ କରିବାର ଅଧିକାର ପାଇବେ

କଟକ,ତା୧୨।୮(ନି.ପ୍ର)- ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀଙ୍କ ଜମି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ଉପରେ ଜାରିକରାଯାଇଥିବା ରହିତାଦେଶକୁ ଆଜି ହାଇକୋର୍ଟ ଉଠାଇଦେଇଛନ୍ତି । ସରକାର ଜଙ୍ଗଲରେ ବସବାସ କରୁଥିବା ଆଦିବାସୀଙ୍କୁ ପଟ୍ଟା ଯୋଗାଇଦେବେ, କିନ୍ତୁ ତାହା ମୋକଦ୍ଦମାର ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଫଳରେ ରାଜ୍ୟ ସରକାର ଆସ୍ୱସ୍ତ ହୋଇଛନ୍ତି । ସଂପ୍ରତି ଜଙ୍ଗଲ ଜମିରେ ଅନୁସୂଚିତ ଜନଜାତି ବା ଆଦିବାସୀଙ୍କ ଅଧିକାରକୁ ନେଇ ଯେଉଁ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହେବା ସହ ସରକାର ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହାର ଅବସାନ ଘଟିଛି ।

କାର୍ଯ୍ୟକାରୀ ମୁଖ୍ୟବିଚାରପତି ଆଇ.ଏମ୍.କୁଦ୍ଦୁସୀ ଓ ବିଚାରପତି କୁମାରୀ ସଞ୍ଜୁ ପଣ୍ଡାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଜୁଲାଇ୧୬ ତାରିଖରେ ଉପରୋକ୍ତ ରହିତାଦେଶ ଉଠାଇ ନେବାକୁ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲଙ୍କ ଦ୍ୱାରା ଏକ ମିସକେସ୍ ପିଟିସନ ରୁଜୁକରାଯାଇଥିଲା । ଉକ୍ତ ଦିନ ଏହି ପଟିସନ ଉପରେ ଖଣ୍ଡପୀଠ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ।

ବିବରଣୀରୁ ପ୍ରକାଶ ଯେ ୨୦୦୬ରେ ରାଜ୍ୟ ସରକାର ଆଦିବାସୀ ଓ ଅନୁସୂଚିତ ଜନଜାତିର ଲୋକ ଜଙ୍ଗଲ ଜମିରେ ବସବାସ କରିବାର ଅଧିକାର ଦେବାକୁ ଆଇନ ପ୍ରଣୟନ କରିଥିଲେ । 'ତଫସିଲଭୁକ୍ତ ଜାତି ଓ ଅନ୍ୟ ପାରମ୍ପରିକ ବନଜାତି ସ୍ୱୀକୃତି ଆଇନ-୨୦୦୬'ରେ ଆଦିବାସୀଙ୍କ ଜଙ୍ଗଲରେ ବସବାସ କରିବା ଅଧିକାରକୁ ସୁରକ୍ଷିତ ରଖାଯାଇଥିଲା । ଏହି ଆଇନକୁ ଚାଲେଞ୍ଜ କରି ଅବସରପ୍ରାପ୍ତ ଜଙ୍ଗଲ ଅଧିକାରୀ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ହାଇକୋର୍ଟ ମାମଲାର ପ୍ରାଥମିକ ଶୁଣଣି କରି ୨୦୦୮ରେ ମଧ୍ୟବର୍ତ୍ତିକାଳୀନ ରହିତାଦେଶ ଜାରି କରିଥିଲେ । ଖଣ୍ଡପୀଠ ତାଙ୍କ ଆଦେଶରେ ଦର୍ଶାଇଥିଲେ ଯେ ସରକାର ଆଇନକୁ କାର୍ଯ୍ୟକାରୀ କରି ଆଦିବାସୀଙ୍କୁ ସେମାନଙ୍କ ବାସୋପଯୋଗୀ ଜମିର ସ୍ୱୀକୃତି ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିପାରିବେ; କିନ୍ତୁ ସେମାନଙ୍କୁ ପଟ୍ଟା ଯୋଗାଇ ପାରିବେ ନାହିଁ ବୋଲି ସରକାରଙ୍କୁ ଅଙ୍କୁଶ ଲଗାଇଥିଲେ । ଆଜି ଖଣ୍ଡପୀଠ ଏହି ଅଙ୍କୁଶ ଉଠାଇବା ସହ ସରକାର ଯଦିଓ ପଟ୍ଟା ବଣ୍ଟନ କରିବେ, କିନ୍ତୁ ତାହା ମକୋଦ୍ଦମାର ଫଳାଫଳ ଉପରେ ନିର୍ଭର କରିବ ବୋଲି ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ ଯେ ରାଜ୍ୟ ଜନ ସଂଖ୍ୟାର ଏକ ପଞ୍ଚମାଂଶ ଆଦିବାସୀ । ହାରାହରି ୪୦ ହଜାର ଜଙ୍ଗଲବାସୀ ଏହି ସୁବିଧା ହାସଲ କରିବେ । ବିଶେଷକରି ଦକ୍ଷିଣାଞ୍ଚଳର କୋରାପୁଟ,କଳାହାଣ୍ଡି ଓ କନ୍ଧମାଳରେ ରହୁଥିବା ୨୦ ହଜାର ଆଦିବାସୀ ଜଙ୍ଗଲ ଜମିରେ ବସବାସ କରିବାର ଅଧିକାର ପାଇବେ ।

Samaj, Page No. - 2,
13th August 2009

### ହାଇକୋର୍ଟରେ ରହିତାଦେଶ ପ୍ରତ୍ୟାହୃତ

# ଏଣିକି ଜଙ୍ଗଲ ଜମି ପଟ୍ଟା ଦେଇହେବ

କଟକ, ୧୨।୮ (ଇମିସ): ଜଙ୍ଗଲର ସ୍ଥାୟୀ ଅଧିବାସୀମାନଙ୍କୁ ଜଙ୍ଗଲ-ଜମିର ପଟ୍ଟା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଆଇନ୍‌କୁ ଏଣିକି ସରକାର ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିପାରିବେ। ଆଇନ୍‌ର କାର୍ଯ୍ୟକାରିତା ଉପରେ ଗତବର୍ଷ ଜାରି ହୋଇଥିବା ମଧ୍ୟବର୍ତ୍ତୀକାଳୀନ ରହିତାଦେଶକୁ ଆଜି ହାଇକୋର୍ଟ ପ୍ରତ୍ୟାହାର କରିନେଇଛନ୍ତି। ରହିତାଦେଶକୁ ପ୍ରତ୍ୟାହାର କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ରୁଜୁ ମିସ୍‌ପିଟିସନ୍‌ର ଶୁଣାଣି ଗତ ମାସ ୧୬ ତାରିଖରେ ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। ଆଜି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଆଇ.ଏମ୍. କୁଦ୍ଦୁସି ଓ ବିଚାରପତି ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡାଙ୍କୁ ନେଇ ଗଠିତ ଖଣ୍ଡପୀଠ, ପୂର୍ବସଂରକ୍ଷିତ ରାୟ ଘୋଷଣା କରି ସରକାରଙ୍କ ଆବେଦନକୁ ମଞ୍ଜୁର କରି ରହିତାଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ତେବେ ଏହି ପଟ୍ଟା ପ୍ରଦାନ ବ୍ୟାପାରଟି ବିଚାରାଧୀନ ଥିବା ମୂଳ ମାମଲାର ଚୂଡ଼ାନ୍ତ ରାୟ ଦ୍ୱାରା ନିର୍ଦ୍ଧାରିତ ହେବ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି।

ଜଙ୍ଗଲ ଇଲାକାରେ ବସବାସ କରୁଥିବା ଆଦିବାସୀ ଓ ଅନ୍ୟ ପାରମ୍ପରିକ ଅଧିବାସୀମାନଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରିବା ନିମନ୍ତେ (ସିଡ୍ୟୁଲ୍ଡ ଟ୍ରାଇବ୍ ଆଣ୍ଡ ଅଦର୍ ଟ୍ରାଡିସନାଲ୍ ଫରେଷ୍ଟ ଡ୍ୱେଲର୍ସ ରେକଗ୍‌ନିସନ୍ ଅଫ୍ ଫରେଷ୍ଟ ରାଇଟ୍‌ସ୍) ଆକ୍ଟ' ୨୦୦୬କୁ ସଂସଦ ପ୍ରଣୟନ କରିଥିଲା। ୨୦୦୭ ଜାନୁଆରି ୨ ତାରିଖରେ ରାଜ୍ୟ ସରକାର ଏହି ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ କରିଥିଲେ। ତଦନୁସାରେ ୨୦୦୫ ଡିସେମ୍ବର ୨୫ ଭିତରେ ଯେଉଁ ଲୋକମାନେ ଜଂଗଲ ଜମିରେ ବସବାସ କରୁଥିବା ଜଣାପଡ଼ିବ ସେମାନଙ୍କୁ ନିଜ ନିଜ ଅଧିକୃତ ଜମିର ପଟ୍ଟା ଦେଇଦିଆଯିବ। ତେବେ ଏହି ଆଇନ୍‌କୁ କାର୍ଯ୍ୟକାରୀ କରାଗଲେ ପରିବେଶ ପ୍ରଭାବିତ ହେବ ଏବଂ ସଂରକ୍ଷିତ ଜଙ୍ଗଲ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ଦର୍ଶାଇ ବନ ବିଭାଗର ଅବସରପ୍ରାପ୍ତ ଅଧିକାରୀ ସଂଘ (ଆସୋସାଇଟି ଅଫ୍ ରିଟାୟାର୍ଡ ଫରେଷ୍ଟ ଅଫିସର୍ସ ଅଫ୍ ଓଡ଼ିଶା) ପକ୍ଷରୁ ହାଇକୋର୍ଟରେ ଏକ ମାମଲା ଦାଏର୍ କରାଯାଇଥିଲା। ନୂଆ ଆଇନ୍ ୧୯୮୮ ର ଜାତୀୟ ଜଂଗଲ ନୀତି, ଇଣ୍ଡିଆନ୍ ଫରେଷ୍ଟ ଆକ୍ଟ-୧୯୨୭ ଓ ଫରେଷ୍ଟ କଂଜରଭେସନ୍ ଆକ୍ଟ-୧୯୮୦କୁ ବିରୋଧାଚରଣ କରୁଥିବା ଦର୍ଶାଯାଇ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବାର ସୁଯୋଗ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦିଆ ନ ଯିବା ପାଇଁ ପିଟିସନ୍ ଜରିଆରେ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ହାଇକୋର୍ଟ ଗତବର୍ଷ ଜୁଲାଇରେ ମାମଲାର ଶୁଣାଣି କରି ଆଇନ୍‌ର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିଥିଲେ। ଏବଂ ସଂରକ୍ଷିତ ଜଙ୍ଗଲ, ବିଶେଷତଃ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରୁ ଗଛ ନ କାଟିବାକୁ, ଜମି ସମତଳ ନ କରିବାକୁ ଏବଂ କାହାରିକୁ ଏସବୁ ଜମି ଉପରେ ଅଧିକାର ନ ଦେବାକୁ (ବା ଜଙ୍ଗଲ ଜମିର ପଟ୍ଟା ବଣ୍ଟନ ନ କରିବାକୁ) ଅନ୍ତର୍ବର୍ତ୍ତୀ ନିର୍ଦ୍ଦେଶ ଦେଇଥିଲେ। ଆଇନ୍‌ଟି ଆଦିବାସୀଙ୍କ ସ୍ୱାର୍ଥ ସମ୍ବଳିତ ହୋଇଥିବାରୁ ସେମାନଙ୍କୁ ମଧ୍ୟ ଶୁଣାଣିର ସୁଯୋଗ ମିଳିବା ଉଚିତ ବୋଲି ଦର୍ଶାଇ ଜଙ୍ଗଲ ଅଧିକାର କମିଟି, କୁଇ ସମାଜ ସମିତି ଓ ଓଡ଼ିଶା ଆଦିବାସୀ ମଂଚ ନାମକ ତିନିଟି ସଂଗଠନ ମାମଲାରେ ପକ୍ଷଭୁକ୍ତ ହୋଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ମାନ୍ୟବର ହାଇକୋର୍ଟ ରହିତାଦେଶକୁ ବଳବତ୍ତର ରଖି ପଟ୍ଟା ଦେବା ସକାଶେ ସରକାର ହିତାଧିକାରୀ ଚିହ୍ନଟ କରିପାରିବେ ବୋଲି କହିଥିଲେ। ତଦନୁସାରେ ହିତାଧିକାରୀ ଚିହ୍ନଟ କାର୍ଯ୍ୟ କରିବା ପରେ ସରକାର ଗତବର୍ଷର ରହିତାଦେଶକୁ ପ୍ରତ୍ୟାହାର କରିବା ନିମନ୍ତେ ହାଇକୋର୍ଟକୁ ଆସିଥିଲେ। ପଟ୍ଟା ଦିଆଯାଇ ପାରୁ ନ ଥିବା ଯୋଗୁଁ ନାରାୟଣପାଟଣା ଭଳି ଜମି ବିବାଦ ଉପୁଜୁଛି, ରାଜ୍ୟରେ ମାଓବାଦୀ ସମସ୍ୟା ଲାଗିରହୁଛି.. ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ମାନ୍ୟବର ଖଣ୍ଡପୀଠ ମୂଳ ମାମଲାକୁ ବିଚାରାଧୀନ ରଖି, ସରକାରଙ୍କ ରହିତାଦେଶ-ପ୍ରତ୍ୟାହାର ପିଟିସନ୍‌କୁ ମଞ୍ଜୁର କରିଛନ୍ତି। ସରକାରଙ୍କ ପକ୍ଷରୁ ଏଜି ଅଶୋକ ମହାନ୍ତି ଓ ଆବେଦନକାରୀ ସଂଘ ପକ୍ଷରୁ ଆଇନଜୀବୀ ସଂଜୟ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି। ଇତିମଧ୍ୟରେ ସୁପ୍ରିମକୋର୍ଟ ସମେତ ଆନ୍ଧ୍ର, କର୍ଣ୍ଣାଟକ, ମୁମ୍ବାଇ ଓ ମାନ୍ଦ୍ରାଜ୍ ହାଇକୋର୍ଟରେ ଜଙ୍ଗଲ ଜମି ଅଧିକାରକୁ ନେଇ ୮ ଟି ମାମଲା ରୁଜୁ ହୋଇଛି। ସବୁଗୁଡ଼ିକ ମାମଲା ସୁପ୍ରିମ କୋର୍ଟକୁ ସ୍ଥାନାନ୍ତର ହେବା ପରେ ଏକତ୍ର ଶୁଣାଣି କରାଯିବାକୁ ସ୍ଥିର ହୋଇଛି।

Sambad , Page No – 3
13th August 2009